# କରାଚିରେ ବିମାନ ଦୁର୍ଘଟଣା, ଶତାଧିକ ମୃତ

- ବିମାନରେ ଥିଲେ ୧୦୭ ଜଣ ବ୍ୟକ୍ତି
- ଅବତରଣର ୧ ମିନିଟ୍ ପୂର୍ବରୁ ଘଟିଲା ଦୁର୍ଘଟଣା
- ବହୁ ଲୋକ ପ୍ରାଣ ହରାଇଥିବାର ସୂଚନା



**କରାଚି,୨୨।୫/ଏଜେନ୍ସି :**

ଶୁକ୍ରବାର ପାକିସ୍ତାନ ଇଣ୍ଟରନ୍ୟାସନାଲ୍ ଏୟାରଲାଇନ୍ସ (ପିଆଇଏ)ର ଗୋଟିଏ ବିମାନ ୧୦୭ ଜଣ ଯାତ୍ରୀଙ୍କୁ ଧରି କରାଚି ବିମାନ ବନ୍ଦରରେ ଅବତରଣ କରିବା ପୂର୍ବରୁ ଦୁର୍ଘଟଣାର ଶିକାର ହୋଇଛି। ଏହି ଦୁର୍ଘଟଣାରେ ୯୮ ଜଣ ଯାତ୍ରୀ ଓ ବିମାନ କର୍ମଚାରୀଙ୍କୁ ମିଶାଇ ୧୦୭ ଜଣ ଥିଲେ। ଏଥିରେ ସମସ୍ତଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ଏହା ସହିତ ଦୁର୍ଘଟଣା ସ୍ଥଳରେ କିଛି ସ୍ଥାନୀୟ ଲୋକଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ବିମାନଟି ଭୂପୃଷ୍ଠରୁ ମାତ୍ର ୮୦୦ ଫୁଟ ଉଚ୍ଚରେ ଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇ କରାଚିର ମାଲିରରେ ଥିବା ମଡେଲ କଲୋନୀ ନିକଟସ୍ଥ ଜିନ୍ନା ଗାର୍ଡେନ ଜନବସତି ଉପରେ ଖସି ପଡ଼ିଥିଲା। ପରେ ପରେ ଅନେକ ବାସଗୃହରେ ନିଆଁ ଲାଗିଯାଇଥିଲା। ବିମାନଟି ଲାହୋରରୁ କରାଚି ଆସୁଥିଲା। ପିଆଇଏ ମୁଖପାତ୍ର ଅବଦୁଲ ସତ୍ତାର କହିଛନ୍ତି ଯେ ବିମାନ ପିକେ ୮୩୦୩ଟି କରାଚିର ଜିନ୍ନା ଆନ୍ତର୍ଜାତିକ ବିମାନବନ୍ଦରରେ ଅବତରଣ କରିବାର ଏକ ମିନିଟ୍ ପୂର୍ବରୁ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏକ ଅଡିଓ ରେକର୍ଡିଂରୁ ଜଣାଯାଇଛି ଯେ ବିମାନର ପାଇଲଟ୍ କରାଚି ବିମାନବନ୍ଦରରେ ଅବରତଣ କରିବା ପୂର୍ବରୁ ଏଟିସି ସହିତ ଯୋଗାଯୋଗ କରି କହିଥିଲେ ଯେ ବିମାନର ଦୁଇଟି ଯାକ ଇଂଜିନ୍ କାମ କରୁନାହିଁ। ତେଣୁ ତୁରନ୍ତ ଅବତରଣ କରିବାକୁ ସୁଯୋଗ ଦିଆଯାଉ। ସେହି ସମୟରେ ଏଟିସି ପକ୍ଷରୁ ପାଇଲଟ୍‌ଙ୍କୁ କୁହାଯାଇଥିଲା ଯେ ବିମାନବନ୍ଦରର ଦୁଇଟି ରନ୍‌ୱେ ଅବତରଣ ପାଇଁ ପ୍ରସ୍ତୁତ ରହିଛି। ଆପଣ ଯେକୌଣସିଟିରେ ଅବତରଣ କରିପାରିବେ। ପରେ ପରେ ପାଇଲଟ୍ 'ମେଁଡେ ମେଁଡେ ମେଁଡେ' (ଆନ୍ତର୍ଜାତିକ ବିପଦ ବାର୍ତ୍ତା) କହୁଥିବାର ଶୁଣାଯାଇଥିଲା। ଏହାପରେ ପାଇଲଟ୍‌ଙ୍କ ସହ ଯୋଗାଯୋଗ କଟି ଯାଇଥିଲା ଏବଂ ବିମାନଟି ଦୁର୍ଘଟଣାଗ୍ରସ୍ତ ହେବାର ଶବ୍ଦ ଶୁଣାଯାଇଥିଲା। ଭିଡିଓ ଚିତ୍ରରେ ଦୁର୍ଘଟଣାସ୍ଥଳରୁ ପ୍ରବଳ ଧୂଆଁ ଆକାଶକୁ ଉଠୁଥିବାର ଦେଖିବାକୁ ମିଳିଛି। ଖବର ପାଇବା ମାତ୍ରେ ଆମ୍ବୁଲାନ୍ସ ଓ ଉଦ୍ଧାରକାରୀ ଟିମ ଦୁର୍ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ▶▶ ୭